# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12 June - 2024**

**News Editor : *Itishree Singh Rathaur***

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥନେଲେ ବିଜେପିର ବରିଷ୍ଠ ନେତା ମୋହନ ଚରଣ ମାଝି ।

— ଭୁବନେଶ୍ୱର ଜନତା ମଇଦାନରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ଶପଥଗ୍ରହଣ ।

- ଆଜି ସଂଧ୍ୟାରେ ଅନୁଷ୍ଠିତ ହେବ ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବୈଠକ ।

- ଆସନ୍ତା ୨୪ତାରିଖରୁ ଆରମ୍ଭ ହେବ ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ।

ଏବଂ

- ଦେବ ଦମ୍ପତ୍ତିଙ୍କର ମନ୍ଦିର ପ୍ରବେଶ ସହ ଶେଷହେଲା ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ।

## ମୁଖ୍ୟମନ୍ତ୍ରୀ-ଶପଥଗ୍ରହଣ

ରାଜ୍ୟର ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ ବିଜେପି ନେତା ମୋହନ ଚରଣ ମାଝି ଆଜି ଶପଥ ଗ୍ରହଣ କରିଛନ୍ତି । ଅପରାହ୍ଣରେ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ରଘୁବର ଦାସ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।

ଏହି ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ଭାବେ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତି ପରିଡ଼ା ମଧ୍ୟ ଆଜି ଶପଥ ନେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ୧୩ଜଣ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଭାବେ ଶପଥ ନେଇଛନ୍ତି । ସେମାନଙ୍କ ମଧ୍ୟରେ ୮ଜଣ କ୍ୟାବିନେଟ୍ ପାହ୍ୟା ଏବଂ ୫ ଜଣ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

କ୍ୟାବିନେଟ୍ ମନ୍ତ୍ରୀ ଭାବେ ସୁରେଶ ପୂଜାରୀ, ରବିନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ପାତ୍ର, ପୃଥ୍ୱୀରାଜ ହରିଚନ୍ଦନ, ଡକ୍ଟର ମୁକେଶ ମହାଲିଙ୍ଗ, ବିଭୁତି ଭୂଷଣ ଜେନା ଓ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ରହିଛନ୍ତି । ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀଙ୍କ ମଧ୍ୟରେ ଗଣେଶରାମ ସିଂହ ଖୁଣ୍ଟିଆ, ସୂର୍ଯ୍ୟବଂଶୀ ସୂରଜ, ପ୍ରଦୀପ ବଳସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ, ଓ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଛନ୍ତି ।

ଏହି ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ ।

## କ୍ୟାବିନେଟ୍ ବୈଠକ

ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବା ପରେ ଆଜି ସନ୍ଧ୍ୟାରେ ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟ ବୈଠକ ବସିବ ବୋଲି ଜଣାପଡ଼ିଛି । ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ କ୍ୟାବିନେଟ୍ ବୈଠକରେ କିଛି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି ।

## ଅଷ୍ଟାଦଶ ଲୋକସଭା

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତା ୨୪ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଆଜି ଏହି ସୂଚନା ଦେଇଛନ୍ତି । ଏହି ୯ ଦିନିଆ ସ୍ୱତନ୍ତ୍ର ଅଧିବେଶନରେ ଲୋକସଭା ବାଚସ୍ପତି ଲାଗି ନିର୍ବାଚନ ହେବ ଓ ନୂତନ ସଦସ୍ୟମାନେ ଶପଥ ଗ୍ରହଣ କରିବେ । ସେହିପରି ରାଜ୍ୟସଭାର ୨୬୪ ତମ ଅଧିବେଶନ ଆସନ୍ତା ୨୭ରୁ ଆରମ୍ଭ ହୋଇ

ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜୁନ୍ ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ରିଜିଜୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ କହିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ମହାପ୍ରଭୁ ଦର୍ଶନ

କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅଶ୍ୱିନୀ ବୈଷ୍ଣବ ଓ ପୁରୀ ସାଂସଦ ସମ୍ବିତ ପାତ୍ର ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି। ସାରା ବିଶ୍ୱର କଲ୍ୟାଣ ପାଇଁ ସେମାନେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସକାଳେ କେନ୍ଦ୍ରମନ୍ତ୍ରୀ ପୁରୀରେ ପହଁଞ୍ଚିବାପରେ ଶ୍ରୀମନ୍ଦିର ନିକଟରେ ସେମାନଙ୍କୁ ବିଜେପି ନେତା ଓ କର୍ମୀମାନେ ସ୍ୱାଗତ କରିଥିଲେ।

## ଛୁଟି ବାତିଲ ପରିବର୍ତ୍ତନ

ଆସନ୍ତା ୩୦ ତାରିଖ ଯାଏଁ ସରକାରୀ ଅଧିକାରୀ ଛୁଟି ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶାନାମାର ପରିବର୍ତ୍ତନ କଲେ ସରକାର । ନୂଆ ନିର୍ଦ୍ଦେଶାନାମା ମୁତାବକ ସରକାରୀ ଅଧିକାରୀଙ୍କୁ ଛୁଟି ମିଳିବ ହେଲେ ଆବଶ୍ୟକ ସ୍ଥଳେ ସେମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ ପଡିପାରେ । ଏହାସହ ଜରୁରୀକାଳୀନ ସ୍ଥିତିରେ ମୋବାଇଲ ଫୋନ୍‌ରେ ଉପଲବ୍ଧ ରହିବାକୁ ପଡିବ ବୋଲି ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ନିର୍ଦ୍ଦେଶାନାମା ଜାରି କରିଛନ୍ତି । ପୂର୍ବରୁ ନୂଆ ସରକାର ଶପଥ ଗ୍ରହଣ କରିବାକୁ ଥିବାରୁ ଜୁନ୍ ୩୦ ଯାଏଁ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେହି ବିଜ୍ଞପ୍ତିରେ ହେଡକ୍ୱାର୍ଟର ନଛାଡିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । କେବଳ ସ୍ୱାସ୍ଥ୍ୟଗତ ସମସ୍ୟା କ୍ଷେତ୍ରରେ ଛୁଟି ପାଇଁ ଅନୁମତି ମିଳିବ ବୋଲି କୁହାଯାଇଥିଲା ।

## ଅନୁକମ୍ପାରାଶି ପ୍ରଦାନ

ସାଧାରଣ ନିର୍ବାଚନ ୨୦୨୪ରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବାବେଳେ ମୃତ୍ୟୁବରଣ କରିଥିବା ୨ଜଣ କର୍ମଚାରୀଙ୍କ ଆଇନ୍ ଅନୁମୋଦିତ ଉତ୍ତରାଧିକାରୀଙ୍କୁ ୧୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାରାଶି ପ୍ରଦାନ ନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ସେମାନଙ୍କୁ ବିଧିମତେ ଅନୁକମ୍ପାରାଶି ପ୍ରଦାନ ପାଇଁ ଗଜପତି ଓ ଯାଜପୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେମାନେ ଗଜପତି ଜିଲ୍ଲା ବୁଥ୍ ନମ୍ବର ୨୦୪ ଓ ଯାଜପୁର ଜିଲ୍ଲା ବୁଥ୍ ନମ୍ବର ୧୫୭ରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ।

## ନାମଲେଖା-ୟୁଜିସି ଅନୁମତି ପ୍ରଦାନ

ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ଏଣିକି ବର୍ଷକୁ ଦୁଇଥର ନାମଲେଖା କରିପାରିବେ । ଏ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁ.ଜି.ସି. ଅନୁମତି ଦେଇଛି । ୨୦୨୪-୨୫ ଶିକ୍ଷାବର୍ଷରୁ ଏହା ଲାଗୁ ହେବ । ୟୁଜିସି ମୁଖ୍ୟ ଜଗଦେଶ କୁମାର କହିଛନ୍ତି, ବିଦେଶରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଭଳି ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ଦୁଇଥର ନାମଲେଖା ହେଲେ ବହୁ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ । ଜୁଲାଇ-

ଅଗଷ୍ଟ, ଜାନୁଆରୀ-ଫେବୃଆରୀରେ ନାମଲେଖା ପ୍ରକ୍ରିୟା କରାଯାଇପାରିବ। ଫଳରେ ନାମଲେଖାରୁ ବଞ୍ଚିତ ହେଉଥିବା ଛାତ୍ରଛାତ୍ରୀଙ୍କୁ ଆଉ ଏକ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ବୋର୍ଡ ଫଳାଫଳ ପ୍ରକାଶ ହୋଇ ନ ଥିବା, ସ୍ୱାସ୍ଥ୍ୟସମସ୍ୟା କିମ୍ବା କୌଣସି ବ୍ୟକ୍ତିଗତ କାରଣରୁ ଯେଉଁ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ନାମଲେଖାଇ ପାରି ନ ଥିବେ ସେମାନେ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇ ପାରିବାର ସୁବିଧା ପାଇବେ ବୋଲି ୟୁ.ଜି.ସି. ପକ୍ଷରୁ କୁହାଯାଇଛି।

## ବିଶ୍ୱବ୍ୟାଙ୍କ ଆର୍ଥିକ ରିପୋର୍ଟ

ଆସନ୍ତା ତିନୋଟି ଆର୍ଥିକ ବର୍ଷରେ ଭାରତରେ ଅର୍ଥନୈତିକ ଉନ୍ନତି ସହ ଅଭିବୃଦ୍ଧି ହାର ୬ ଦଶମିକ ୭ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି । ଘରୋଇ କ୍ଷେତ୍ରରେ ଚାହିଦା, ପୁଞ୍ଜିନିବେଶ ଏବଂ ସେବା କ୍ଷେତ୍ରରେ ଉନ୍ନତି ଯୋଗୁଁ ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ବିଶ୍ୱବ୍ୟାଙ୍କ କହିଛି । ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୬ ଦଶମିକ ୬ ପ୍ରତିଶତ ରହିବାର ପୂର୍ବ ଆକଳନକୁ ବିଶ୍ୱବ୍ୟାଙ୍କ ବଳବତ୍ତର ରଖିଛି । ଅନ୍ୟପକ୍ଷରେ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬ ଦଶମିକ ୫ ପ୍ରତିଶତରୁ ୬ ଦଶମିକ ୮ ପ୍ରତିଶତ ମଧ୍ୟରେ ରହିବ ବୋଲି ପୂର୍ବାନୁମାନ କରିଥିଲା । ଘରୋଇ କ୍ଷେତ୍ରରେ ଆବଶ୍ୟକତା ବୃଦ୍ଧି ଏବଂ ମାନବସମ୍ବଳ ବୃଦ୍ଧି ଦ୍ୱାରା ଏହା ସମ୍ଭବ ହୋଇପାରିବ ବୋଲି ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି କହିଥିଲା ।

## ଶିଶୁ ଶ୍ରମିକ ନିରୋଧ ଦିବସ

ସମଗ୍ର ବିଶ୍ୱରେ ଆଜି 'ଆମେ ଆମର ପ୍ରତିଶ୍ରୁତିବଦ୍ଧତା ଉପରେ କାର୍ଯ୍ୟ କରିବା - ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା' ବାର୍ତ୍ତା ନେଇ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି । ଶିଶୁଙ୍କୁ ତାଙ୍କର ନାଯ୍ୟ ଅଧିକାର ପ୍ରଦାନ କରିବା ଏବଂ ତାଙ୍କର ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୧୨ ତାରିଖରେ ଏହି ଦିବସ ପାଳନ କରାଯାଏ । ଏହି ଉପଲକ୍ଷେ ଆଜି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି ।

ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡାଠାରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିଶୁଙ୍କ ସୁରକ୍ଷା ନେଇ ରହିଥିବା ବିଭିନ୍ନ ଆଇନ୍‌ର ଦିଗ ଉପରେ ଆଲୋଚନା ହୋଇଥିଲା । ଏଥିରେ ଜିଲ୍ଲାସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ, ଆଇନ୍‌ଜୀବୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ଶୀତଲଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଲଷଷ୍ଠୀ ଯାତ୍ରା ଦେବଦମ୍ପତିଙ୍କର ମନ୍ଦିର ପ୍ରବେଶ ସହ ଶେଷ ହୋଇଛି । ଗତକାଲି ବିଳମ୍ବିତ ରାତିରୁ ଦେବଦମ୍ପତି ସୁସଜ୍ଜିତ ରଥରେ ବିଜେକରି ନଗର ପରିକ୍ରମା କରିଥିଲେ । ବ୍ରାହ୍ମ ମୁହୂର୍ତ୍ତରେ ସାମାନ୍ୟ ବିଶ୍ରାମ ପରେ ଶିବପାର୍ବତୀ ପୁଣି ନଗର ପରିକ୍ରମାରେ ବାହାରିଥିଲେ । ନନ୍ଦପଡାର ବାଲୁଙ୍କେଶ୍ୱର ବାବା, ମୋଦୀପଡାର

ଜାଗେଶ୍ୱର ବାବା, ଝାଡୁଆପଦାର ଲୋକନାଥ ବାବାଙ୍କର ନଗର ପରିକ୍ରମାରେ ଲକ୍ଷାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା ।

## ଶୀତଳଷଷ୍ଠୀ ଯାତ୍ରା ଶେଷ

ସୁବର୍ଣ୍ଣପୁରରେ ଶୀତଳଷଷ୍ଠୀ ଯାତ୍ରା ଶେଷ ହୋଇଛି। ସୁବର୍ଣ୍ଣପୁରର ବାବା ସୁବର୍ଣ୍ଣମେରୁଙ୍କ ସହ ବୈଦ୍ୟନାଥର ବାବା କୋଶଳେଶ୍ୱର, ଚରଦାର ବାବା କପିଳେଶ୍ୱର, ବୀରମହାରାଜପୁରର ବାବା ଚମ୍ପେଶ୍ୱର ଓ ଗୋଧନେଶ୍ୱରଙ୍କ ପୀଠରେ ଚାଲିଥିବା ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ପର୍ବ ସମାପନ ହୋଇଛି। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁ ଶିବ ଓ ପାର୍ବତୀଙ୍କ ଯୁଗଳ ଦର୍ଶନ କରିଛନ୍ତି।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଲାଗି ରହିଛି। ଆସନ୍ତାକାଲି ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ବଲାଙ୍ଗୀର, ନୂଆପଡ଼ା, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଦକ୍ଷିଣ ଓଡ଼ିଶା, ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳ ସହ କେତେକ ଆଭ୍ୟନ୍ତରୀଣ ଅଞ୍ଚଳର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।